# ୧୭୫ ତମ ମଧୁବାବୁ ଜୟନ୍ତୀ ଓ ଆଇନଜୀବି ଦିବସ ପାଳିତ ।

ଆଜି ପୂର୍ବାହ୍ନରେ ସ୍ଥାନୀୟ ସଭାଗୃହ ଠାରେ ଓଡିଆ ସ୍ୱାଭିମାନର ପ୍ରତୀକ ମଧୁ ବାରିଷ୍ଟରଙ୍କର ୧୭୫ ତମ ଜନ୍ମ ଜୟନ୍ତୀ ଓ ଆଇନ୍‌ଜୀବି ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଉପସ୍ଥିତ ସମସ୍ତ ମଞ୍ଚାସିନ ଅତିଥି ବୃନ୍ଦ ପ୍ରଦୀପ ପ୍ରଜ୍ଜଳନ ଏବଂ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ମୁଖ୍ୟ ଅତିଥି ଭାବେ ଓଡିଶା ଉଚ୍ଚ ନ୍ୟାୟାଳର ନାୟାଧିଶ ମାନ୍ୟବର ନ୍ୟାୟମୁର୍ତ୍ତି ଶ୍ରୀଯୁକ୍ତ ଗୌରୀଶଙ୍କର ଶତପଥି ଯୋଗ ଦେଇ ତାଙ୍କ ଅଭିଭାଷଣରେ କହିଥିଲେ ଓଡିଶାର ମଧୁବାବୁ ଥିଲେ ଜଣେ ସ୍ୱାଭିମାନି ପୁରୁଷ । ଓଡିଆ ଭାଷା,ସଂସ୍କୃତି,ସାହିତ୍ୟର ସୁରକ୍ଷା ଏବଂ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ନିକଟରେ ସହଜ ଉପାୟରେ ଆଇନ୍ ସେବା ପହଞ୍ଚାଇବା ଥିଲା ତାଙ୍କ ଜୀବନର ମୁଲ ଲକ୍ଷ୍ୟ । ତାଙ୍କରି ପ୍ରଚେଷ୍ଟାରେ ସାରା ଭାରତ ବର୍ଷରେ ଓଡିଶା ଏକ ମାତ୍ର ଭାଷା ଭିତ୍ତିକ ରାଜ୍ୟ ଭାବରେ ମାନ୍ୟତା ପାଇବା ଦିଗରେ ତାଂକର ଅବଦାନ ଅତୁଳନୀୟ । ଓଡିଆ ଜାତିର ସ୍ୱାଭିମାନ ରକ୍ଷା ପାଇଁ ସେତେବେଳର ଇଂରେଜ ସରକାରଙ୍କ ନିକଟରେ ନିଜର ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିବା ସହ ଓଡିଶାର କଳା କୃତିର ନମୁନା ପ୍ରଦର୍ଶନ ପାଇଁ ପ୍ରଥମ ଓଡିଆ ଭାବରେ ନିଜ ସହ ବିଦେଶକୁ ୮ଟି ବାକ୍ସରେ ଓଡିଶାର କଳାକାରମାନଙ୍କ କଳାକୃତି ନେଇ ପ୍ରଦର୍ଶନୀ କରିଥିଲେ । ସେତେବେଳେ ଥୋମାସ ଏଡୱାର୍ଡ ରେଭେନ୍ସା କହିଥିଲେ ଓଡିଶାକୁ ଏତେ ମାତ୍ରାରେ ଭଲ ପାଉଥିବା ଜଣେ ବିଜ୍ଞ ବ୍ୟକ୍ତିଙ୍କୁ ମୋର ଓଡିଶା ରହଣି ସମୟରେ ସାକ୍ଷାତ ନ ହୋଇପାରିବା ମୋ ପାଇଁ ବଡ ଦୁର୍ଭାଗ୍ୟର ବିଷୟ । କେବଳ ଭାଷା ସାହିତ୍ୟ ନୁହେଁ ଓଡିଶାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଯଥା- ଭାରତରେ ପ୍ରଥମ ରେଳ ଚଳାଚଳ ପାଇଁ ତାଙ୍କର ପ୍ରଚେଷ୍ଟା, ଜଗନ୍ନାଥଙ୍କର ପୂଜା ବିଧି ସତ୍ତ୍ୱ ଇଂରେଜମାନଙ୍କ କବଳରୁ ସମ୍ପୂର୍ଣ୍ଣ ଭାବେ ମୁକ୍ତ କରିବା ଏବଂ ଏହାର ଦାୟିତ୍ୱ ଓଡିଶାର ଗଜପତି ମହାରାଜାଙ୍କୁ ପ୍ରଦାନ କରିବା ଭଳି ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଥିଲେ । ପ୍ରଥମ କରି ତାଙ୍କରି ପ୍ରଚେଷ୍ଟାରେ ମହିଳାମାନଙ୍କୁ ଓକିଲାତି କରିବାର ସୁଯୋଗ ମଧୁବାବୁଙ୍କ ଠାରୁ ହିଁ ସୃଷ୍ଟି ହୋଇଥିଲା ଏବଂ

OPPO Reno7 5G
2023.04.28 22:25

ପ୍ରଥମ ମହିଳା ଓକିଲ ଭାବରେ ତାଂକର ପାଳିତ କନ୍ୟା ଶ୍ରୀମତୀ ସୌଦାମିନୀ ହାଜରା ଓଡିଶା ଉଚ୍ଚ ନ୍ୟାୟାଳୟରେ ଓକିଲାତି ଆରମ୍ଭ କରିଥିଲେ । ମୁଖ୍ୟ ବକ୍ତା ଭାବେ ମାନ୍ୟବର ଜିଲ୍ଲା ଦୌରାଜଜ୍ ଅନୁଗୋଳ ଶ୍ରୀଯୁକ୍ତ ପ୍ରଣବ କୁମାର ପାତ୍ର ତାଙ୍କ ଅଭିଭାଷଣରେ କହିଥିଲେ ମଧୁବାବୁଙ୍କ ଲାଗି ସାରା ଭାରତ ବର୍ଷ ଓ ଓଡିଶାରେ ଓକିଲାତି ବୃତ୍ତି ସହ ଜଡିତ ସମସ୍ତ ବ୍ୟକ୍ତି ଆଜି ଗୌରାବାନ୍ୱିତ । ସେତେବେଳର ଧନୀ ବ୍ୟକ୍ତିଂକ ପାଇଁ ଓକିଲାତି କରି ଯେଉଁ ଅର୍ଥ ଉପାର୍ଜନ କରୁଥିଲେ ତାହାକୁ ସମାଜର ଗରିବ ଶ୍ରେଣୀର ଲୋକଂକୁ ନ୍ୟାୟ ପ୍ରଦାନ କରିବା ପାଇଁ ଖର୍ଚ୍ଚ ମଧ୍ୟ କରୁଥିଲେ । ତାଂକରି ପ୍ରଚେଷ୍ଟାରେ ଉତ୍କଳ ଟ୍ୟାନେରୀ ନାମରେ ଜୋତା କାରଖାନା ବସାଇ ହଜାର ହଜାର ଲୋକଂକୁ ରୋଜଗାରକ୍ଷମ କରିପାରିଥିଲେ, କିନ୍ତୁ ଦୁର୍ଭାଗ୍ୟର କଥା ନିଜ ସ୍ୱାଭିମାନ ସହିତ ସାଲିସ ନ କରିବା ପାଇଁ ତ୍ରୁଟି ଯୁକ୍ତ ଜୋତାଗୁଡିକୁ ନଷ୍ଟ କରୁଥିଲେ ଯାହା ସେହି କମ୍ପାନୀକୁ ଦେବାଳିଆ ସ୍ତରକୁ ନେଇଯାଇଥିଲା ଏବଂ ପରେ ପରେ କମ୍ପାନୀ ବନ୍ଦ ହୋଇଯାଇଥିଲା । ତାଂକରି ଆଦର୍ଶରେ ଅନୁପ୍ରାଣିତ ହୋଇ ଗରିବ,ଅସହାୟ, ଆଇନ୍‌ସେବାରୁ ବଂଚିତ ହେଉଥିବା ବ୍ୟକ୍ତି ବିଶେଷଙ୍କୁ ମାଗଣାରେ ଆଇନ୍‌ସେବା ଯୋଗାଇ ଦେଇପାରିଲେ ତାଂକ ଆତ୍ମା ଶାନ୍ତି ପାଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଅପରାହ୍ନରେ ମଧୁବାବୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସଭାର ମଧ୍ୟ ଆୟୋଜନ କରାଯାଇଥିଲା ଏଥିରେ ମୁଖ୍ୟ ଅତିଥି ଅନୁଗୋଳ ବିଧାୟକ ତଥା ଓଡିଶା ବିଧାନ ସଭାର ଉପବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂହ ଅନୁଗୋଳ ବାର ଆସୋସିଏସନ୍‌ର ସଭାପତି ଶ୍ରୀ ଦିଲ୍ଲିପ କୁମାର ସାହୁ ପୂର୍ବରୁ ଉପସ୍ଥାପନ କରିଥିବା ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ସହୃଦୟତାର ସହ ବିଚାର କରି ଓଡିଶା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ତାଂକ ବକ୍ତବ୍ୟରେ କହିଥିଲେ । ମୁଖ୍ୟବକ୍ତା ଢେଙ୍କାନାଳ ସାଂସଦ ଶ୍ରୀ ମହେଶ ସାହୁ ତାଙ୍କ ଅଭିଭାଷଣରେ ଅନୁଗୋଳ ଜିଲ୍ଲାରେ ଶିଳ୍ପାନୁଷ୍ଠାନଗୁଡିକ ପ୍ରଚୁର ମାତ୍ରାରେ ଆମ ପରିବେଶକୁ କ୍ଷତି ପହଂଚାଉଥିବା ସ୍ଥଳେ ସି ଏସ୍ ଆର ଫଣ୍ଡର ପ୍ରକୃତ ବିନିଯୋଗ ହୋଇପାରୁନାହିଁ ଯାହା ଫଳରେ ଜିଲ୍ଲାର ଯେଉଁ ଆଖି ଦୃଶିଆ ସାମାଜିକ ଉନ୍ନତି ହେବା କଥା ତାହା ହେଉନାହିଁ ଏଥିରେ ଓକିଲମାନଙ୍କର ଭୂମିକା ବହୁ

OPPO Reno7 5G
2023.04.28 22:22

ଗୁରୁତ୍ୱପୂର୍ଣ୍ଣ ରହିଛି । ଆପଣମାନେ ଚାହିଁଲେ ଆପଣଙ୍କ ଜିଲ୍ଲାର ପ୍ରତ୍ୟେକ ନାଗରିକଙ୍କର ଜୀବନ ଧାରଣର ମାନରେ ଉନ୍ନତି ଆଣିବା ସହ ଓକିଲମାନଙ୍କର ଥିବା ସ୍ୱାସ୍ଥ୍ୟ ବୀମା ଏବଂ ଅନ୍ୟାନ୍ୟ ସମସ୍ୟାଗୁଡିକ ଅଚିରେ ସମାଧାନ ହୋଇପାରିବ ବୋଲି ଇଂଙ୍ଗିତ କରିଥିଲେ । ଏହି ଅବସରରେ ଗୋଟିଏ କର୍ପସ ଫଣ୍ଡ ଗଠନ କରିବା ଏବଂ ସମୟବଦ୍ଧ ନ୍ୟାୟ ପ୍ରଦାନ ନିମନ୍ତେ ଏକ ଜୁଡିସିଆଲ ଆକାଉଣ୍ଟେବିଲିଟି ରିଜୋଲ୍ୟୁସନ ପାସ୍ କରିବା ପାଇଁ ସମସ୍ତ ଓକିଲ ବନ୍ଧୁମାନଂକୁ ଅନୁରୋଧ ଜଣାଇଥିଲେ । ସମ୍ମାନୀତ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ସାଏ ମଧୁବାବୁଙ୍କ ଜୀବନ ସଂଘର୍ଷମୟ ଥିଲା ଯେଉଁଥି ପାଇଁ ସେ କେବଳ ଓଡିଶା ଜନମାନସର ଅପ୍ରତିଦ୍ୱନ୍ଦୀ ଓକିଲ ନଥିଲେ ସାରା ଭାରତ ତାଂକର ଜୟଗାନ କରିବାରେ କୁଣ୍ଠାବୋଧ କରେ ନାହିଁ । ତାଂକର ଭୂୟଂଶୀ ପ୍ରଶଂସା କରିବା ସହ ଆଜିର ଏହି କାର୍ଯ୍ୟକ୍ରମକୁ କେବଳ ଆଇନ୍‌ଜିବୀ ନୁହଁନ୍ତି ସାରା ଓଡିଶା ସ୍ୱାଭିମାନ ଦିବସ ଭାବେ ପାଳନ କରୁଅଛି ମୁଁ ସେହି ଅମ୍ଲାନ ପ୍ରତିଭା ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳୀ ପ୍ରକଟ କରି ପ୍ରଣାମ ଜଣାଉଅଛି । ବାର ଆସୋସିଏସନର ସମ୍ପାଦକ ଶ୍ରୀ ହିଂମାଂଶୁ ଶେଖର ସାମଲ ଉପସ୍ଥିତ ମଂଚାସୀନ ଅତିଥି ବୃନ୍ଦ, ଓକିଲ ବନ୍ଧୁ, ଗଣମାଧ୍ୟମର ପ୍ରତିନିଧି, ଆରକ୍ଷୀ ବନ୍ଧୁ ଓ ଉପସ୍ଥିତ ଦର୍ଶକଗଣଂକୁ ଧନ୍ୟବାଦ ଅର୍ପଣ ପରେ ସଭା ସାଙ୍ଗ କରାଯାଇଥିଲା । ଶେଷରେ ଓକିଲ ସଂଘର ସଭ୍ୟମାନଙ୍କ ଦ୍ୱାରା 'ତାହା ହିଁ ଜୀବନ' ନାଟକ ମଂଚସ୍ଥ ହୋଇଥିଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- [illegible] ତା.୨୮.୪.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ। 4/2023


OPPO Reno7 5G
2023.04.28 11:48


୧୭୫ତମ ମଧୁ ଜୟନ୍ତୀ ଓ ଆଇନଜିବୀ
ଦିବସ ପାଳନ ସମାରୋହ - ୨୦୨୩
OPPO Reno7 5G
2023.04.28 11:47


୧୭୫ତମ ମଧୁ ଜୟନ୍ତୀ ଓ ଆଇନଜିବୀ
ଦିବସ ପାଳନ ସମାରୋହ - ୨୦୨୩
OPPO Reno7 5G
2023.04.28 18:32